# ଭଗବାନଙ୍କ ପ୍ରସାଦ କାହିଁକି ଗ୍ରହଣ କରାଯାଏ

ଭଗବାନ୍ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ (୩/୧୩) କହିଛନ୍ତି ଯେ ଯେଉଁମାନେ ତାଙ୍କୁ ନିବେଦନ ନ କରି ପ୍ରସାଦ ଗ୍ରହଣ କରନ୍ତି, ସେମାନେ କେବଳ ପାପ ହିଁ ଭୋଜନ କରନ୍ତି ଏବଂ ଯେଉଁମାନେ ତାଙ୍କୁ ନିବେଦିତ ପ୍ରସାଦ ଗ୍ରହଣ କରନ୍ତି, ସେମାନେ ସମସ୍ତ ପାପର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଆନ୍ତି । ଶରୀର ରକ୍ଷା ନିମିତ୍ତ ଆମକୁ ଆହାର ଗ୍ରହଣ କରିବାକୁ ପଡ଼ିଥାଏ । ତେଣୁ ଭଗବାନ କୃପାପୂର୍ବକ ଆମକୁ ବଞ୍ଚିବା ପାଇଁ ମାଟି, ପାଣି, ପବନ, ଆଲୋକ, ଖାଦ୍ୟ ଓ ବହୁ ଶସ୍ୟ ଦେଇଛନ୍ତି,ଏପରିକି ଶିଶୁ ଜନ୍ମଗ୍ରହଣ କରିବା ମାତ୍ରେ ମାତୃସ୍ତନରେ ଦୁଗ୍ଧ ପର୍ଯ୍ୟନ୍ତ ଦେଇଛନ୍ତି । ତେଣୁ ଭଗବାନଙ୍କୁ ପ୍ରଥମେ ନିବେଦନ କରି ପ୍ରସାଦ ରୂପେ ଗ୍ରହଣ କରିବା ଉଚିତ । ଭଗବାନଙ୍କୁ ନିବେଦିତ ସୁସ୍ୱାଦ ପ୍ରସାଦ ଆୟୁଷ ବୃଦ୍ଧି କରେ, ସୁସ୍ୱାସ୍ଥ୍ୟ, ସନ୍ତୋଷ, ଦିବ୍ୟ ଆନନ୍ଦ ଦିଏ, ପବିତ୍ର କରାଏ ଏବଂ ସ୍ୱୀକୃତି ସଞ୍ଚୟ ହୋଇ ଭଗବତ୍ ଭକ୍ତି ଲାଭ କରାଏ । ପ୍ରସାଦର ମାହାତ୍ମ୍ୟ ଏତେ ଶ୍ରେଷ୍ଠ ଯେ ପୂର୍ବ ଜନ୍ମରେ ଏକ ଦାସୀ ପୁତ୍ର ମହର୍ଷିମାନଙ୍କର ଭୁଂକ୍ତାବଶେଷ ଗ୍ରହଣ କରି ପରଜନ୍ମରେ ଶ୍ରେଷ୍ଠଭକ୍ତ ଦେବର୍ଷି ନାରଦ ରୂପେ ଆର୍ବିଭୂତ ହୋଇଥିଲେ ।

ବେଦରେ କୁହାଯାଇଛି :-**"ଆହାର ଶୁଦ୍ଧୌ ସତ୍ତ୍ୱ ଶୁଦ୍ଧି ସତ୍ତ୍ୱ ଶୁଦ୍ଧୌ ଧ୍ରୁବାସ୍ମୃତି**
**ସ୍ମୃତିଲମ୍ଭେ ସର୍ବ ଗ୍ରନ୍ଥୀନାମ୍ ବିପ୍ର ମୋକ୍ଷଃ" ।**

**ଅନୁବାଦ:-** ବୈଦିକ ସଂସ୍କୃତିର ଅନୁଗାମୀଗଣ ଆହାରରେ ଅତ୍ୟନ୍ତ ନିଷ୍ଠାବାନ ଥିଲେ । ସେମାନଙ୍କର ରନ୍ଧନ ଓ ଆହାର ଥିଲା ଶୁଦ୍ଧ ଓ ସାତ୍ତ୍ୱିକ । ଯିଏ ରନ୍ଧନ ପ୍ରସ୍ତୁତ କରନ୍ତି ତାର ଚେତନା ଖାଦ୍ୟରେ ସଂଚରିତ ହୁଏ । ଯଦି ଅଭକ୍ତ ବା ପାପାଚାରୀ ବ୍ୟକ୍ତିର ରନ୍ଧନ ଖାଦ୍ୟ ଆହାର କରାଯାଏ, ତାହେଲେ ଅଜାଣତେ ରନ୍ଧନକାରୀର ମାନସିକତା ଆହାରକାରୀର ଚେତନାକୁ କଳୁଷିତ କରିବା ସଙ୍ଗେସଙ୍ଗେ ତା'ର ପାପକର୍ମର ଫଳକୁ ମଧ୍ୟ ତାଙ୍କୁ ଭୋଗ କରିବାକୁ ବାଧ୍ୟ କରେ । ଶ୍ରୀଚୈତନ୍ୟ ମହାପ୍ରଭୁ କହିଛନ୍ତି:-

**"ବିଷୟୀର ଅନ୍ନ ଖାଇଲେ ମଳିନ ହୟ ମନ**
**ମଳିନ ମନ ହୈଲେ ନହେ କୃଷ୍ଣେର ସ୍ମରଣ" । ଚୈ.ଚ.ଅନ୍ତ-୬-୨)**

ସେଥିପାଇଁ ଭକ୍ତମାନେ ଭକ୍ତଙ୍କ ଦ୍ୱାରା ପ୍ରସ୍ତୁତ କୃଷ୍ଣପ୍ରସାଦ ଗ୍ରହଣ କରିବେ । ପ୍ରସାଦ ଯେ କେବଳ ମାତ୍ର କର୍ମଫଳର ବନ୍ଧନରୁ ମୁକ୍ତ କରେ ତାହା ନୁହେଁ, ଚେତନାକୁ କଳୁଷମୁକ୍ତ ଓ ବିଶୁଦ୍ଧ କରିବା ସଙ୍ଗେ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ରୂପକ ଜଡ଼, କ୍ଲେଶ ବିନାଶ କରେ । ପ୍ରସାଦ ସେବା କରିତେ ହୟ ସକଳ ପ୍ରପଞ୍ଚ ଜୟ ।

(ମୁଚ୍ୟନ୍ତେ ସର୍ବ କିଲ୍ବିଷୈଃ । ଭ.ଗୀ-୩-୧୩)

କାହିଁକି ନା କୃଷ୍ଣଭାବନାମୟ ଭକ୍ତଗଣ ଶ୍ରଦ୍ଧା ଓ ଭକ୍ତିର ସହିତ ରୋଷେଇ କରି ଶ୍ରୀକୃଷ୍ଣଙ୍କୁ ନିବେଦନ କରିଥାନ୍ତି । କୃଷ୍ଣଭକ୍ତିର ଦୃତ ଅଗ୍ରଗତି କରିବାକୁ ହେଲେ ଆହାର କ୍ଷେତ୍ରରେ ନିଷ୍ଠାବାନ ହେବାର ଆବଶ୍ୟକତା ରହିଛି । ସବୁଠାରୁ ଭଲ ହେଉଛି, ଜୀବନ ଧାରାକୁ ଏପରି ଭାବରେ ପରିଚାଳନା କରିବା ଯେପରି ସର୍ବଦା କୃଷ୍ଣ ପ୍ରସାଦ ସେବନ କରିବା ସମ୍ଭବ ହୁଏ ।

ଅବଶ୍ୟ ସମସ୍ତ ଭକ୍ତଙ୍କ ପକ୍ଷରେ ଏହା ସବୁ ସମୟରେ ସମ୍ଭବ ହୋଇ ନ ପାରେ । କର୍ମବ୍ୟସ୍ତତାର ପ୍ରାୟ ବାହାରେ ବୁଲୁଥିବା ବ୍ୟକ୍ତିମାନଙ୍କୁ ଅନେକ ସମୟରେ ବାହାର ଖାଦ୍ୟ ଖାଇବାକୁ ହୁଏ । ବାହାରର ଭୋଜନାଳୟରୁ କୌଣସି ଆହାର କରିବା ଉଚିତ ନୁହେଁ । ତେବେ ସବୁଠାରୁ ଭଲ ହେଉଛି ଫଳ, ଦୁଗ୍ଧ ଓ ଦୁଗ୍ଧ ଜାତୀୟ (ଦହି, ଛେନା, ମିଠା ଇତ୍ୟାଦି) ଚୁଡ଼ା, ମୁଢ଼ି, ବାଦାମ, ବାଲିରେ ଭଜା ଶୁଖିଲା ଜାତୀୟ ଖାଦ୍ୟ ଅଭକ୍ତଙ୍କ ଦ୍ୱାରା ପ୍ରସ୍ତୁତ ହେଲେ ବି ତାହା ଶୁଦ୍ଧ ଓ ଗ୍ରହଣୀୟ । ଏହା ଭଗବାନଙ୍କୁ ନିବେଦନ କରାଯାଇପାରେ । କିନ୍ତୁ ଅଭକ୍ତଙ୍କ ଦ୍ୱାରା ପ୍ରସ୍ତୁତ ଭାତ, ରୁଟି, ସବ୍‌ଜି ଆଦି ପାକ ବସ୍ତୁ ଆହାର ଆମକୁ କର୍ମଫଳରେ ଆବଦ୍ଧ କରେ । ଏହା ଭକ୍ତି ଲାଭରେ ପ୍ରତିବନ୍ଧକ, ଯାହା ଭଗବାନଙ୍କୁ ନିବେଦନ କରାଯାଏ ନାହିଁ ତାହା ଗ୍ରହଣୀୟ ନୁହେଁ । ଭକ୍ତମାନେ ପିଆଜ, ରସୁଣ, ମସୁର ଡ଼ାଲି, ଛତୁ, ଅଣ୍ଡା ଆଦି ଆହାର କରିବା ସଂପୂର୍ଣ୍ଣ ନିଷିଦ୍ଧ । ବଜାରରୁ କିଣା ଟମାଟୋସସ୍, ଚିଲ୍ଲି (ଲଙ୍କା) ସସ୍, ସୋୟାବିନ୍ ବଡ଼ି, କେକ୍, ପାଉଁରୁଟି, ବିସ୍କୁଟ, ଚେନାଚୁର, ଆଋର, ଆଇସ୍କ୍ରିମ୍ ଜାତୀୟ ଖାଦ୍ୟ ପ୍ରାୟ ଆମିଷ ଦ୍ରବ୍ୟରେ ଓ ପାତ୍ରରେ ପ୍ରସ୍ତୁତ ହୁଏ । ଏପରିକି ଋ, କଫି, ଥଣ୍ଡାପାନୀୟ (କୋକାକୋଲା ଜାତୀୟ) ଚକୋଲେଟ୍, ପାନ, ଦୋକ୍ତା, ଗୁଡ଼ାଖୁ ଆଦି ମାଦକ ଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ଅପରିଚ୍ଛନ୍ନତା ଯୁକ୍ତ ଓ ଅନାବଶ୍ୟକ । ଏହି ଗୁଡ଼ିକ ବଦଭ୍ୟାସ, ମାନସିକ ଅଶାନ୍ତି ଓ ଅସ୍ଥିରତା ଆଣିଦିଏ । ସୁତରାଂ ଏସବୁ ଦ୍ରବ୍ୟ ଗ୍ରହଣ କଲେ କୃଷ୍ଣ ସେବା, ଶାସ୍ତ୍ର ଅଧ୍ୟୟନ, ନାମ ଜପ ଆଦିରେ ମନ ନିବେଶ ନ ହୋଇ ତପସ୍ୟା ଭଙ୍ଗ ହୁଏ । ଏଗୁଡ଼ିକୁ କୃଷ୍ଣଙ୍କ ସନ୍ତୁଷ୍ଟ ବିଧାନ ପାଇଁ ନିବେଦନ ଯୋଗ୍ୟ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ ନୁହେଁ, କେବଳ ମାତ୍ର ନିଜର ଇନ୍ଦ୍ରିୟ ତୃପ୍ତି ସାଧନ । ଆଳସ୍ୟତା ତ୍ୟାଗ କରି କୃଷ୍ଣ ସେବାରେ ମନୋନିବେଶପୂର୍ବକ ସର୍ବଦା ଗୃହରେ ଖାଦ୍ୟ ପ୍ରସ୍ତୁତ କରି କୃଷ୍ଣଙ୍କୁ ନିବେଦନ କରି ପ୍ରସାଦ ରୂପେ ଗ୍ରହଣ କଲେ ସର୍ବତୋଭାବେ ଶାରୀରିକ ଓ ପାରମାର୍ଥିକ କଲ୍ୟାଣ ସାଧନ ହୋଇଥାଏ ।